Daily Edition:
RNI No.ODIODI/2010/33791

ବୁଧବାର, ୧୩ ମାର୍ଚ୍ଚ, ୨୦୨୪
ଭାଗ ୧୪, ସଂଖ୍ୟା ୧୯୭

Wednesday 13 March - 2024
Volume XIV, Issue No 197

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ଯୁଗାବ୍ଦ ୫୧୨୫, ସମ୍ବତ ୨୦୮୦
କୃଷ୍ଣ ୩୦, ୪ର୍ଥୀ

www.srutinews.com

ସତ୍ୟ ପଥେ ଧାମନ୍ତି

ଶ୍ରୁତି SRUTI

ସତ୍ୟନିଷ୍ଠ ସୃଜନଶୀଳ ଖବରକାଗଜ

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସେବାୟତମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ସ୍ୱାସ୍ଥ୍ୟ ବୀମା ରାଶି ପରିମାଣ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି

ଗୁରୁତର ରୋଗ କ୍ଷେତ୍ରରେ ଅତିରିକ୍ତ ୫ ଲକ୍ଷ ଟଙ୍କା

ବିଭିନ୍ନ କଲ୍ୟାଣ ଯୋଜନା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ରାଜ୍ୟ ସରକାର ଦେଲେ ୧୦.୮୫ କୋଟି ଟଙ୍କା

ଭୁବନେଶ୍ୱର,୧୨/୦୩(ଶ୍ରୁ.ମି.) : ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ସେବାୟତମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛନ୍ତି। ଏଥିରେ ବିଭିନ୍ନ ଭତା ପରିମାଣ ଓ ସ୍ୱାସ୍ଥ୍ୟ ବୀମାରେ ବୃଦ୍ଧି କରାଯାଇଥିବା ବେଳେ ପରିବାରର ଛାତ୍ରଛାତ୍ରୀଙ୍କ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ସବୁ କଲ୍ୟାଣ ଯୋଜନା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି।

ଘୋଷଣା ଅନୁଯାୟୀ ଶ୍ରୀ ଜଗନ୍ନାଥଙ୍କ ସେବାୟତ ଓ ତାଙ୍କ ପରିବାର ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପୂର୍ବରୁ ଦିଆଯାଉଥିବା ବୀମା ରାଶି ପରିମାଣକୁ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଗୁରୁତର ରୋଗର ଚିକିତ୍ସା ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ସହାୟତା ଦିଆଯିବ।

ସେହିଭଳି ସେବାୟତ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରବେଶିକା ପରୀକ୍ଷା ଯଥା ନିଟ୍, ଜେଇଇ ଓ ସିଭିଲ ସର୍ଭିସ୍ କୋଚିଂ ପାଇଁ ବ୍ୟବସ୍ଥା ବାବଦରେ ବର୍ଷକୁ ୫୦ ହଜାର ଟଙ୍କା ହିସାବରେ ସର୍ବାଧିକ ୩ ଥର ସହାୟତା ଯୋଗାଇ ଦିଆଯିବ।

ସେବାୟତମାନଙ୍କୁ ଦିଆଯାଉଥିବା ବିଭିନ୍ନ ବର୍ଦ୍ଧିତ ଭତା, ସ୍ୱାସ୍ଥ୍ୟ ବୀମା ରାଶି, କୋଚିଂ ସହାୟତା ଓ ଅନ୍ୟାନ୍ୟ ସହାୟତା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ରାଜ୍ୟ ସରକାର ୧୦.୮୫ କୋଟି ଯୋଗାଇ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ପାଇଁ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅନେକ ଥର ପୁରୀ ଗସ୍ତ କରିଛନ୍ତି। ଏହି ଅବସରରେ ସେବାୟତମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ତାଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅବଗତ ହେବା ପରେ ସେବାୟତମାନଙ୍କ କଲ୍ୟାଣ ପାଇଁ ଏହି ନିଷ୍ପତ୍ତି ନେଇଛନ୍ତି।

ମହିଳା ସରକାରୀ କର୍ମଚାରୀଙ୍କୁ ମିଳିବ ଅଧିକ ୧୦ ଦିନ ବାର୍ଷିକ ସାମୟିକ ଛୁଟି

ଭୁବନେଶ୍ୱର,୧୨/୦୩(ଶ୍ରୁ.ମି.) : ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକରୁଥିବା ମହିଳା କର୍ମଚାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବାର୍ଷିକ ୨୫ ଦିନର ସାମୟିକ ଛୁଟି ଘୋଷଣା କରିଛନ୍ତି।

ସରକାରୀ କର୍ମଚାରୀମାନଙ୍କ ପାଇଁ ସାଧାରଣତଃ ବର୍ଷକୁ ୧୫ ଦିନର ସାମୟିକ ଛୁଟି ଦିଆଯାଉଥିବା ବେଳେ ମହିଳା ସରକାରୀ କର୍ମଚାରୀମାନଙ୍କ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଆଉ ଅଧିକ ୧୦ ଦିନର ଛୁଟି ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ ମହିଳା କର୍ମଚାରୀମାନେ ବର୍ଷକୁ ୨୫ ଦିନର ସାମୟିକ ଛୁଟି ଉପଭୋଗ କରିପାରିବେ।

ମହିଳାମାନଙ୍କ ପାରିବାରିକ ଦାୟିତ୍ୱ ଓ ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ ୯୦ ଦଶକରେ ମହିଳାମାନଙ୍କ ପାଇଁ ସରକାରୀ ଚାକିରିରେ ୩୩% ସ୍ଥାନ ସଂରକ୍ଷଣ ଭଳି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିବାରେ ଓଡିଶା ଥିଲା ଦେଶର ପ୍ରଥମ ରାଜ୍ୟ।

ଜାମୁଝରୀରେ ଆଦର୍ଶ କାରାଗାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨/୦୩(ଶ୍ରୁ.ମି.) : ଭୁବନେଶ୍ୱର ଉପକଣ୍ଠସ୍ଥ ଜାମୁଝରୀ ଠାରେ ଏକ ଆଦର୍ଶ କାରାଗାର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହା ରାଜ୍ୟର ସବୁଠାରୁ ବଡ ଓ ପ୍ରଥମ ସବୁଜବଳୟ ମଡେଲ କାରାଗାର ହେବ। ୫୦ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି କାରାଗାର ବିଶ୍ୱସ୍ତରୀୟ ଭିତିଭୂମି ରହିବ। ପ୍ରଥମ ପର୍ଯ୍ୟାୟରେ ୩୫ ଏକର ଜମିରେ ଜେଲ ନିର୍ମାଣ କରାଯିବ। ଆଗାମୀ ୫୦ ବର୍ଷର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ଜେଲରେ ପରିକଳ୍ପନା କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଉନ୍ନତ ଭିତିଭୂମି ନିର୍ମାଣ କରିବା ପାଇଁ ଅନେକ ରିସର୍ଚ୍ଚ ପରେ ଡିଜାଇନ୍ ପ୍ରସ୍ତୁତ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା,ଜଟଣୀ ବିଧାୟକ ସୁର ରାଉତରାୟ, ଜେଲ ଡିଜି ଅମିତ୍ର ପ୍ରସାଦ, ଜେଲ ଏଡିଜି ଅମିତାଭ ଠାକୁରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

ଭାରତରେ ସିଏଏ ଲାଗୁ ହେବାର ଆବଶ୍ୟକତା ଥିଲା : ସୂର୍ଯ୍ୟବଂଶୀ

ଭୁବନେଶ୍ୱର, ୧୨/୦୩(ଶ୍ରୁ.ମି.) : ଭାରତରେ ସିଏଏ ଲାଗୁ ହେବାର ଆବଶ୍ୟକତା ରହିଥିଲା। ୧୯୪୭ ମସିହାରେ ଯାହା ହେବା କଥା ଏବେ ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ମୋଦି ତାହା କରିବାକୁ ଯାଉଛନ୍ତି। ସିଏଏ ଲାଗୁ ହେବା ନେଇ ବିଜେପି ବିଧାୟକ ସୂର୍ଯ୍ୟବଂଶୀ ସୁରଜ ତାଙ୍କ ପ୍ରତିକ୍ରିୟାରେ ଏହା କହିଛନ୍ତି।

ସେ କହିଛନ୍ତି ଯେ ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶରେ ପାର୍ସି, ଶିଖ, ଖ୍ରୀଷ୍ଟିଆନ ଏବଂ ହିନ୍ଦୁ ଅଳ୍ପ ସଂଖ୍ୟକ ମାନେ ଉତ୍ପୀଡନର ଶିକାର ହେଉଛନ୍ତି। ଧିରେ ଧିରେ ସେମାନଙ୍କ ସଂଖ୍ୟା କମି କମି ଯାଉଛି। ଭାରତର ପଡ଼ୋଶୀ ରାଷ୍ଟ୍ର ମାନଙ୍କରେ ରହୁଥିବା ଅଳ୍ପ ସଂଖ୍ୟକ ମାନଙ୍କ ଦାୟିତ୍ୱ ଭାରତ ସରକାରଙ୍କର। ଆମେ ସେମାନଙ୍କୁ ଭାରତକୁ ଆଣି ସାମ୍ବିଧାନିକ ଅଧିକାର ଦେବାର ଆବଶ୍ୟକତା ଅଛି। ଏହାଦ୍ୱାରା ଭାରତର ଉଦାରତା ଏବଂ ଭାରତ ଶକ୍ତିଶାଳୀ ବୋଲି ସାରା ବିଶ୍ୱକୁ ସମ୍ବାଦ ଯିବ। ୧୯୭୧ରେ ହୋଇଥିବା ଇନ୍ଦିରା - ମୂଜିବୁର ଚୁକ୍ତି ଅନୁସାରେ ୧୨ ଲକ୍ଷ ଅଳ୍ପ ସଂଖ୍ୟକ ବାଂଲାଦେଶ ଓ ପାକିସ୍ତାନରୁ ଆସି ଭାରତରେ ପହଂଚିଥିଲେ। ସେତେବେଳେ କଂଗ୍ରେସ ସରକାର ସେମାନଙ୍କୁ କାହିଁକି ଗ୍ରହଣ କରିଥିଲା। ସେ କଥା ଟିଏମସିର ମୁଖ୍ୟ ମମତା ବାନାର୍ଜୀ କହିନାହାନ୍ତି କାହିଁକି ? ସିଏଏ ଜମା ବି ମୁସଲମାନ ବିରୋଧୀ ନୁହେଁ। ଭାରତ ବସୁଧୈବ କୁଟୁମ୍ବକମରେ ବିଶ୍ୱାସ କରେ । ତେଣୁ ଜାତି, ଧର୍ମ କି କ୍ଷେତ୍ରରେ ଆଧାରରେ ଏହି ନିୟମ କରାଯାଇନାହିଁ। ମାନବିକତା ଆଧାରରେ ଏହି ନିୟମ କରାଯାଇଛି।

ସେ କହିଛନ୍ତି ଯେ ଓଡ଼ିଶାରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଏବଂ କେତେ ରୋହିଙ୍ଗିଆ ଅଛନ୍ତି, ସରକାର ତାଙ୍କ ଉପରେ କଣ ପଦକ୍ଷେପ ନେଉଛନ୍ତି, ସେ ବାବଦରେ ଗତ ବର୍ଷ ମାର୍ଚ୍ଚ ମାସରେ ବିଧାନସଭାରେ ପ୍ରଶ୍ନ କରିଥିଲେ ସୁରଜ। ସରକାରଙ୍କ ଉତ୍ତର ଦେଲେ ଯେ ଓଡ଼ିଶାରେ ୧ ଲକ୍ଷ ୫୭ ହାଜର ବାଂଲାଦେଶୀ ଅନୁପ୍ରବେଶକାରୀ ଓଡ଼ିଶାରେ ଅଛନ୍ତି।

ଅହମ୍ମଦାବାଦରେ ୧,୦୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କଲେ ପ୍ରଧାନମନ୍ତ୍ରୀ

ଦହେଜଠାରେ ପେଟ୍ରୋନେଟ୍ ଏଲଏନଜିର ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ

୧୦ ଟି ନୂଆ ବନ୍ଦେ ଭାରତ ଟ୍ରେନ୍‌ର ଶୁଭାରମ୍ଭ

ଅହମ୍ମଦାବାଦ, ୧୨/୦୩(ଏଜେନ୍ସି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଗୁଜୁରାଟର ଅହମ୍ମଦାବାଦଠାରେ ଡେଡିକେଟେଡ୍ ଫ୍ରେଟ୍ କରିଡରର ଅପରେସନ୍ କଂଟ୍ରୋଲ ସେଂଟରରେ ୧,୦୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଆଜିର ବିକାଶ ପ୍ରକଳ୍ପଗୁଡିକରେ ରେଳ ଭିତିଭୂମି, ଯୋଗାଯୋଗ ଏବଂ ପେଟ୍ରୋକେମିକାଲ ସମେତ ଏକାଧିକ କ୍ଷେତ୍ର ଅନ୍ତର୍ଭୁକ୍ତ । ଏଥିସହ ସେ ୧୦ଟି ନୂଆ ବନ୍ଦେ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ୨୦୦ ରୁ ଅଧିକ ବିଭିନ୍ନ ସ୍ଥାନରୁ ଏହି କାର୍ଯ୍ୟକ୍ରମ ସହ ଜଡ଼ିତ ଲକ୍ଷ ଲକ୍ଷ ଲୋକଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ କହିଥିଲେ ଯେ ଆଜିର କାର୍ଯ୍ୟକ୍ରମର ଆକାରକୁ ରେଳବାଇ ଇତିହାସରେ ଅନ୍ୟ କୌଣସି କାର୍ଯ୍ୟକ୍ରମ ସହିତ ତୁଳନା କରାଯାଇପାରିବ ନାହିଁ। ଆଜିର କାର୍ଯ୍ୟକ୍ରମ ପାଇଁ ସେ ରେଳବାଇକୁ ଅଭିନନ୍ଦନ ଜଣାଇଛନ୍ତି। ସମଗ୍ର ଦେଶରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ସହିତ ବିକଶିତ ଭାରତ ଗଠନ ପାଇଁ ବିକାଶ ମୂଳକ କାର୍ଯ୍ୟ କ୍ରମାଗତ ଭାବେ ସମ୍ପ୍ରସାରିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ୨୦୨୪ର ୭୫ ଦିନରେ ୧୧ ଲକ୍ଷ କୋଟି ରୁ ଅଧିକ ଟଙ୍କାର ପ୍ରକଳ୍ପର ଉଦଘାଟନ କିମ୍ବା ଶିଳାନ୍ୟାସ ହୋଇଥିବା ବେଳେ ଗତ ୧୦-୧୨ ଦିନ ମଧ୍ୟରେ ୭ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ବିକଶିତ ଭାରତର ଲକ୍ଷ୍ୟ ହାସଲ ଦିଗରେ ଆଜିର ସଂଗଠନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପର ଉଦଘାଟନ କିମ୍ବା ଶିଳାନ୍ୟାସ କରାଯାଇଛି ଯେଉଁଠାରେ ପ୍ରାୟ ୮୫,୦୦୦ କୋଟି ଟଙ୍କାର ପ୍ରକଳ୍ପ ରେଳବାଇକୁ ସମର୍ପିତ ହୋଇଛି। ୨୦,୦୦୦ କୋଟି ରୁ ଅଧିକ ଟଙ୍କା ବ୍ୟୟରେ ଦହେଜଠାରେ ପେଟ୍ରୋନେଟ୍ ଏଲଏନଜିର ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସର ଶିଳାନ୍ୟାସ କରିବା ସହ ଏହା ଦେଶରେ ହାଇଡ୍ରୋଜେନ ଉତ୍ପାଦନ ଏବଂ ପଲିପ୍ରପିଲିନର ଚାହିଦା ବୃଦ୍ଧି କରିବାରେ ସହାୟକ ହେବ ବୋଲି ସେ ସୂଚନା ଦେଇଥିଲେ। ମହାରାଷ୍ଟ୍ର ଏବଂ ଗୁଜରାଟରେ ଏକତା ମଲ୍ ର ଶିଳାନ୍ୟାସ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଏହା ଭାରତର କୁଟୀର ଶିଳ୍ପ ଏବଂ ହସ୍ତଶିଳ୍ପକୁ ଦେଶର କୋଣ ଅନୁକୋଣରେ ପହଂଚାଇବ, ଯାହା ଦ୍ୱାରା ଭୋକାଲ୍ ଫର୍ ଲୋକାଲ ପାଇଁ ସରକାରଙ୍କ ଅଭିଯାନକୁ ଉତ୍ସାହିତ କରିବ ଏବଂ ବିକଶିତ ଭାରତର ଭିତିଭୂମିକୁ ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ଦେଶର ଯୁବବର୍ଗଙ୍କୁ କହିଥିଲେ ଯେ ଆଜିର ଉଦଘାଟନ ସେମାନଙ୍କ ବର୍ତ୍ତମାନ ପାଇଁ ଏବଂ ଆଜିର ଶିଳାନ୍ୟାସ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ଗ୍ୟାରେଂଟି ଦେଉଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ସରକାର ରେଳବାଇକୁ ସେହି ପରିସ୍ଥିତିରୁ ବାହାର କରିବା ପାଇଁ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ରେଳବାଇର ବିକାଶ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରେ ରହିଛି। ପ୍ରଧାନମନ୍ତ୍ରୀ ୨୦୧୪ ରୁ ଛଅ ଗୁଣା ବଜେଟ୍ ବୃଦ୍ଧି ଭଳି ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଦେଶବାସୀଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଆଗାମୀ ୫ ବର୍ଷ ମଧ୍ୟରେ ରେଳବାଇର ପରିବର୍ତ୍ତନ ସେମାନଙ୍କ କଳ୍ପନାକୁ ଅତିକ୍ରମ କରିବ। ଏହି ୧୦ ବର୍ଷର କାମ କେବଳ ଏକ ଟ୍ରେଲର। ମୋତେ ବହୁତ ଦୂର ଯିବାକୁ ଅଛି', ସେ କହିଛନ୍ତି। କେବଳ ଅଧିକାଂଶ ରାଜ୍ୟ ବନ୍ଦେ ଭାରତ ଟ୍ରେନ୍ ପାଇ ନାହାନ୍ତି ବରଂ ବନ୍ଦେ ଭାରତ ଟ୍ରେନ୍ ର ଶତାବ୍ଦୀ ମଧ୍ୟ ଆରମ୍ଭ ହୋଇସାରିଛି ବୋଲି ସେ ସୂଚନା ଦେଇଛନ୍ତି। ବନ୍ଦେ ଭାରତ ନେଟୱର୍କ ଦେଶର ୨୫୦ଟି ଜିଲ୍ଲାକୁ ସ୍ପର୍ଶ କରୁଛି। ଲୋକଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ବନ୍ଦେ ଭାରତର ମାର୍ଗ ବୃଦ୍ଧି କରାଯାଉଛି।

ରେଳବାଇର ପରିବର୍ତ୍ତନ ହେଉଛି ବିକଶିତ ଭାରତର ଗ୍ୟାରେଂଟି। ସେ ରେଳବାଇର ପରିବର୍ତ୍ତିତ ଦୃଶ୍ୟପଟ୍ଟ ଉପରେ ଆଲୋକପାତ କରିବା ସହ ଦ୍ରୁତ ଗତିରେ ରେଳ ଧାରଣା ବିଛାଇବା, ୧୩୦୦ ରୁ ଅଧିକ ରେଳ ଷ୍ଟେସନର ପୁନଃବିକାଶ, ବନ୍ଦେ ଭାରତ, ନମୋ ଭାରତ ଓ ଅମୃତ ଭାରତ ଭଳି ପରବର୍ତ୍ତୀ ପିଢ଼ିର ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବା ଏବଂ ଅତ୍ୟାଧୁନିକ ରେଳ ଇଞ୍ଜିନ ଏବଂ କୋଚ୍ କାରଖାନାର ଉନ୍ମୋଚନ ବିଷୟରେ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତି ଶକ୍ତି କାର୍ଗୋ ଟର୍ମିନାଲ ନୀତି ଅଧୀନରେ କାର୍ଗୋ ଟର୍ମିନାଲ ନିର୍ମାଣ ବୃଦ୍ଧି ପାଇଛି କାରଣ ଜମି ଲିଜ୍ ନୀତିକୁ ସରଳୀକରଣ କରାଯାଇଛି ଏବଂ ଏହାକୁ ଅନଲାଇନ କରାଯାଇଛି ଯାହା ଦ୍ୱାରା ସ୍ୱଚ୍ଛତା ଆସିଛି। ସେ ଗତି ଶକ୍ତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ରେଳବାଇର ଆଧୁନିକୀକରଣ ସମ୍ବନ୍ଧୀୟ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ଜାରି ରଖିଥିଲେ ଏବଂ ମାନବବିହୀନ କ୍ରସିଂ ଏବଂ ସ୍ୱୟଂଚାଳିତ ସିଗନାଲିଂ ସିଷ୍ଟମକୁ ଉଚ୍ଛେଦ କରିବା ପ୍ରକଳ୍ପ ବିଷୟରେ ସୂଚନା ଦେଇଥିଲେ । ସେ କହିଛନ୍ତି ଯେ ଦେଶ ଶତ ପ୍ରତିଶତ ବିଦ୍ୟୁତୀକରଣ ଦିଗରେ ଅଗ୍ରସର ହେଉଛି। ଷ୍ଟେସନଗୁଡିକରେ ସୌର ଚାଳିତ ଷ୍ଟେସନ ଏବଂ ଜନ ଔଷଧି କେନ୍ଦ୍ର ପ୍ରତିଷ୍ଠା କରାଯାଉଛି।

ଭାରତ ଶକ୍ତି ଅଭ୍ୟାସରେ ଯୁଦ୍ଧ ତଥା ପ୍ରହାର କ୍ଷମତାର ପ୍ରଦର୍ଶନ

ବିସ୍ଫୋରଣରେ ଗୁଂଜରିତ ହେଲା ପୋଖରଣ

ବିକଶିତ ଭାରତର କଳ୍ପନା ଆତ୍ମନିର୍ଭରତା ବିନା ସମ୍ଭବ ନୁହେଁ : ପିଏମ ମୋଦି

ଜୈସଲମେର, ୧୨/୦୩(ଏଜେନ୍ସି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ରାଜସ୍ଥାନର ପୋଖରଣରେ ତିନି ସେନାର ଲାଇଭ୍ ଫାୟାର ଓ କୌଶଳ ଅଭ୍ୟାସ ରୂପେ ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଏକ ସଂଯୋଜିତ ପ୍ରଦର୍ଶନର ଅବଲୋକନ କରିଛନ୍ତି । ଏହି ଅବସରରେ ସେ ଆତ୍ମନିର୍ଭର ଭାରତର ମନ୍ତ୍ରକୁ ଦୋହରାଇବା ସହ କହିଛନ୍ତି ଯେ, ବିକଶିତ ଭାରତର କଳ୍ପନା ଏହା ବିନା ସମ୍ଭବ ନୁହେଁ ।

ପ୍ରଧାନମନ୍ତ୍ରୀ ତିନି ସେନାର ଅଭ୍ୟାସ ପରେ ସୈନ୍ୟକର୍ମୀଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ଆମର ତୋପୋ, ଟ୍ୟାଙ୍କ, ଯୁଦ୍ଧ ଜାହଜ, ହେଲିକପ୍ଟର, ମିସାଇଲ ସିଷ୍ଟମର ଗର୍ଜନ ଭାରତର ଶକ୍ତି ଅଟେ । ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ, ସଂଚାର ଉପକରଣ, ସାଇବର ଓ ସ୍ପେସ ଯାଏ ଆମେ 'ମେକ୍ ଇନ୍ ଇଣ୍ଡିଆ'ର ଉଡାଣ ଅନୁଭବ କରୁଛୁ ।

ସେ କହିଛନ୍ତି ଯେ, 'ଭାରତ ଶକ୍ତିର ଉତ୍ସବ ରାଜସ୍ଥାନରେ ହେଉଛି, କିନ୍ତୁ ଏହାର ଗୁଂଜରଣ କେବଳ ଭାରତରେ ନୁହେଁ, ପୂରା ଦେଶରେ ଶୁଣିବାକୁ ମିଳୁଛି ।

ଭାରତର ତିନି ସେନା ପଶ୍ଚିମ ସୀମାରେ ମଙ୍ଗଳବାର ଭାରତ- ପାକିସ୍ତାନ ସୀମା ନିକଟରୋ ପୋଖରଣ ଫାୟରିଂ ରେଂଜରେ ଭାରତ ଶକ୍ତି ଅଭ୍ୟାସ କରି ନିଜର ଯୁଦ୍ଧ ତଥା ପ୍ରହାର କ୍ଷମତାର ପ୍ରଦର୍ଶନ କରି ବିସ୍ଫୋରଣରେ ଗୁଂଜରିତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ମୁଖରେ ଚାର୍ଲି ରେଞ୍ଜରେ

ସ୍ୱଦେଶୀ ଅସ୍ତ୍ରଶସ୍ତ୍ରରେ ସ୍ଥାପିତ ଶତ୍ରୁର ପ୍ରତୀକାତ୍ମକ ଲକ୍ଷ୍ୟକୁ ନଷ୍ଟ କରିବାର ଏକ ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରାଯାଇଥିଲା। ପିନାକା ରକେଟ୍ ୧୭ କିଲୋମିଟର ଦୂର ଲକ୍ଷ୍ୟକୁ ସଠିକ୍ ଭାବରେ ଟାର୍ଗେଟ୍ କରି 'ଆତ୍ମନିର୍ଭରଶୀଳ ଭାରତ'ର ସ୍ୱଦେଶୀକରଣ ମାଧ୍ୟମରେ ସଶକ୍ତିକରଣର ଶକ୍ତି ପ୍ରଦର୍ଶନ କରିଥିଲା ।

ପୋଖରଣ ଫାୟାରିଂ ରେଞ୍ଜରେ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଯୁଦ୍ଧାଭ୍ୟାସ ପାଇଁ ୧୦ ରୁ ୧୫ କିଲୋମିଟର ପରିସରରେ ଶତ୍ରୁର ପ୍ରତୀକାତ୍ମକ ଲଜିଷ୍ଟିକ୍ ସେଣ୍ଟର, ଆତଙ୍କବାଦୀ ଠିକଣା, ଏୟାରଷ୍ଟ୍ରିପ୍, ଟ୍ୟାଙ୍କ ଏବଂ ତୋପଖାନା ପ୍ରଣାଳୀ, ବ୍ରିଜ, ଡ୍ରୋନ, ତୈଳ ଡିପୋ, କମାଣ୍ଡ ସେଂଟର ତିଆରି କରାଯାଇଥିଲା। ଏହି ହାଇ ଭୋଲଟେଜ୍ ଯୁଦ୍ଧାଭ୍ୟାସ 'ଭାରତ ଶକ୍ତି'ରେ ତିନି ସୈନ୍ୟ ଏକ ସମନ୍ୱିତ ଢଙ୍ଗରେ ସେମାନଙ୍କର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତା ପ୍ରଦର୍ଶନ କରିଥିଲେ।

ରାଜ୍ୟର ପ୍ରତି ଭାଗବତ ଟୁଙ୍ଗୀକୁ ମିଳିବ ୫୦ ହଜାର ଟଙ୍କା ଲେଖାଏଁ ସହାୟତା

ଭୁବନେଶ୍ୱର,୧୨/୦୩(ଶ୍ରୁ.ମି.) : ଭାଗବତ ଟୁଙ୍ଗୀ ଆମ ଗ୍ରାମ୍ୟ ଜୀବନର ଆଧାତ୍ମିକ, ସାଂସ୍କୃତିକ ଓ ସାମାଜିକ ପ୍ରାଣ କେନ୍ଦ୍ର। ସାରା ଗାଁକୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ ଭାଗବତ ଟୁଙ୍ଗୀ। ଆମ ସଂସ୍କୃତି ଓ ପରମ୍ପରାର ଏହି ମହାନ ପ୍ରତୀକ ଭାଗବତ ଟୁଙ୍ଗୀ ହେଉଛି ଓଡିଆ ଜାତିର ସାଂସ୍କୃତିକ ଅସ୍ମିତାର ଏକ ଗୌରବମୟ ପରିଚୟ। ଆମ ରାଜ୍ୟରେ ଥିବା ୭,୨୦୦ଟି ଭାଗବତ ଟୁଙ୍ଗୀ ଗୁଡିକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରତି ଭାଗବତ ଟୁଙ୍ଗୀ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ମଞ୍ଜୁର କରିଛନ୍ତି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଜରିଆରେ ଭାଗବତ ଟୁଙ୍ଗୀ ଗୁଡିକର ବିକାଶ କାର୍ଯ୍ୟ କରାଯିବ।

ସମ୍ବଲପୁରରେ ୨ଟି ଏନଏଚ୍ ପାଇଁ ୩୭୪ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ରମନ୍ତ୍ରୀ ଗଡ଼କରୀ

ଭୁବନେଶ୍ୱର, ୧୨/୦୩(ଶ୍ରୁ.ମି.) : କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ସମ୍ବଲପୁର ଜିଲ୍ଲାରେ ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୩୭୪ କୋଟି ୧୭ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଅଇଁଠାପାଲି ଜଙ୍କସନ୍ ଠାରେ ୬ ଲେନ୍ ବିଶିଷ୍ଟ ୩.୫ କିଲୋମିଟର ଲମ୍ବା ଫ୍ଲାଏଓଭର ଏବଂ ୫୩ ନମ୍ବର ଜାତୀୟ ରାଜପଥ (ପୂର୍ବରୁ ୬ ନମ୍ବର ଜାତୀୟ ରାଜପଥ ନାମରେ ପରିଚିତ) ଉପରେ ଦୁଇ ଲେନ୍ ବିଶିଷ୍ଟ ଗୋଟିଏ ସଡ଼କ ଓଭର ବ୍ରିଜ୍ (ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ) ବା ଆରଓବି (ଏଲ୍ଏଚ୍ଏସ୍) ନିର୍ମାଣ କରାଯିବ ବୋଲି ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ପ୍ରସ୍ତାବିଜ ୬ ଲେନ୍ ବିଶିଷ୍ଟ ଫ୍ଲାଏଓଭର ନିର୍ମାଣ ଦ୍ୱାରା ଅଇଁଠାପାଲି ଛକରେ ହେଉଥିବା ଟ୍ରାଫିକ୍ ଭିଡ଼ ହ୍ରାସ ପାଇବ। ଏହାବ୍ୟତୀତ, ୫୩ ନମ୍ବର ଜାତୀୟ ରାଜପଥ ଉପରେ ତେଲେଇବଣି-ସମ୍ବଲପୁର ୪ ଲେନ୍ ବିଶିଷ୍ଟ ପ୍ରକଳ୍ପରୁ ବାଦ୍ ଦିଆଯାଇଥିବା ୨ ଲେନ୍ ବିଶିଷ୍ଟ ସଡ଼କ ଓଭର ବ୍ରିଜ୍ ପ୍ରକଳ୍ପ ନିର୍ମାଣ କରାଯିବ।

୩୭୪ କୋଟି ଟଙ୍କା ବ୍ୟୟରେ ଅଇଁଠାପାଲିରେ ପ୍ରସ୍ତାବିତ ଫ୍ଲାଏଓଭର ସହ ଏନଏଚ୍-୫୩ରେ ଓଭର ବ୍ରିଜ୍ ପ୍ରକଳ୍ପ ଯାତାୟତକୁ ସୁଗମ କରିବ : ଧର୍ମେନ୍ଦ୍ର ପ୍ରଧାନ

ଅର୍ଥ ମଞ୍ଜୁର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଜଣାଇଲେ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨/୦୩(ଶ୍ରୁ.ମି.) : କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିବା ପରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସମ୍ବଲପୁର ଜିଲ୍ଲାରେ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୩୭୪.୧୭ କୋଟି ଟଙ୍କା ମଞ୍ଜୁର କରିଥିବା ନେଇ ବିଭାଗୀୟ ମନ୍ତ୍ରୀ ଶ୍ରୀ ନୀତିନ ଗଡକରୀ ସୂଚନା ଦେଇଛନ୍ତି। ଇପିସି ମୋଡ୍ ବ୍ୟବହାର କରି ସମ୍ବଲପୁରର ଅଇଁଠାପାଲି ଠାରେ ୩.୫ କିଲୋମିଟର ଦୀର୍ଘ ୬ ଲେନ୍ ବିଶିଷ୍ଟ ଫ୍ଲାଏ ଓଭର ଏବଂ ସମ୍ବଲପୁର ଜିଲ୍ଲାର ଜାତୀୟ ରାଜପଥ-୫୩ (ପୂର୍ବରୁ ଜାତୀୟ ରାଜପଥ-୬)ରେ ୨ ଲେନ୍ ବିଶିଷ୍ଟ ରୋଡ୍ ଓଭର ବ୍ରୀଜ (ଏଲ୍ଏଚ୍ଏସ୍) ନିର୍ମାଣ ପାଇଁ ୩୭୪.୧୭ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଶ୍ରୀ ଗଡକରୀ ସୂଚନା ଦେଇଛନ୍ତି। ଏ ନେଇ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲାରେ ସଡ଼କ ଭିତିଭୂମିକୁ ମଜଭୁତ୍ କରିବା ପାଇଁ ଅର୍ଥ ମଞ୍ଜୁରୀ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଦେଶର ସଡ଼କପଥ ସମେତ ସମସ୍ତ ଭିତିଭୂମିକୁ ମଜଭୁତ୍ କରିବା 'ମୋଦୀ ଗ୍ୟାରେଣ୍ଟି' ହୋଇଛି। ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଫ୍ଲାଏ ଓଭର ଅଇଁଠାପାଲି ଛକରେ ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ସହ ଏନଏଚ୍-୫୩ରେ ଓଭର ବ୍ରିଜ୍ ନାଗରିକଙ୍କ ଯାତାୟତକୁ ଆହୁରି ଅଧିକ ସୁଗମ କରିବ। ଲୋକଙ୍କ ଯିବା ଆସିବା ସୁରକ୍ଷିତ ହେବ। ସ୍ଥାନୀୟ ଅଞ୍ଚଳରେ ଶିଳ୍ପ କ୍ଷେତ୍ରର ବିକାଶ ହେବା ସଙ୍ଗେସଙ୍ଗେ ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶରେ ଦ୍ରୁତ ଅଭିବୃଦ୍ଧି ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ବର୍ଷ ନଭେମ୍ବର ୨୮ ତାରିଖରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଥିଲେ ଯେ ଜାତୀୟ ରାଜପଥ-୫୩ ବରାଇପାଲି ଛକ ଓ ଅଇଁଠାପାଲି ଦେଇ ଝାରସୁଗୁଡା, ଦେବଗଡ ଓ ସମ୍ବଲପୁର ସହରକୁ ଯୋଗାଯୋଗ କରୁଛି। ତେବେ ଫ୍ଲାଏ ଓଭରର ବ୍ୟବସ୍ଥା ନ ଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ପ୍ରଧାନ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଥିଲେ।

ପଂଚାୟତିରାଜ ପ୍ରତିନିଧିମାନଙ୍କ ପାରିତୋଷିକ ଓ ବୈଠକ ଭତ୍ତାରେ ବୃଦ୍ଧି

ଖର୍ଚ୍ଚ ହେବ ଅଧିକ ୧୬୨.୬୮ କୋଟି ଟଙ୍କା

ଭୁବନେଶ୍ୱର, ୧୨/୦୩(ଶ୍ରୁ.ମି.) : ରାଜ୍ୟର ପଂଚାୟତିରାଜ ପ୍ରତିନିଧିମାନଙ୍କର ପାରିତୋଷିକ ଓ ଭତ୍ତା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୃଦ୍ଧି କରିଛନ୍ତି।

ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ପରିଷଦ ସଭାପତିମାନେ ୯,୩୮୦ ଟଙ୍କା ପରିବର୍ତ୍ତେ ୩୦,୦୦୦ ଟଙ୍କା ମାସିକ ପାରିତୋଷିକ ପାଇବେ। ସେମାନଙ୍କ ଦୈନିକ ଭତ୍ତା ଡିଏ ଯୁକ୍ତ ସିଟିଂ ଫି ମଧ୍ୟ ୩୦୦ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲ୍ଲା ପରିଷଦ ଉପ-ସଭାପତି ମାନଙ୍କ ପାରିତୋଷିକ ୭,୦୪୦ ଟଙ୍କାରୁ ୨୦,୦୦୦ ଟଙ୍କା କୁ ବୃଦ୍ଧି କରାଯାଇଛି ଏବଂ ସେମାନଙ୍କ ଭତ୍ତା ଡିଏ ଯୁକ୍ତ ସିଟିଂ ଫି ମଧ୍ୟ ୩୦୦ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲ୍ଲା ପରିଷଦ ସଦସ୍ୟମାନେ ପୂର୍ବରୁ ୩,୫୩୦ ଟଙ୍କା ପାଉଥିବା ବେଳେ ଏବେ ୧୦,୦୦୦ ଟଙ୍କା ମାସିକ ପାରିତୋଷିକ ପାଇବେ ଏବଂ ସେମାନଙ୍କ ଦୈନିକ ଭତ୍ତା ଡିଏ ଯୁକ୍ତ ସିଟିଂ ଫି ମଧ୍ୟ ୩୦୦ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ସେହିଭଳି ପଂଚାୟତ ସମିତି ଅଧ୍ୟକ୍ଷମାନେ ୩,୫୩୦ ଟଙ୍କା ପାଉଥିଲେ । ଏବେ ୧୫,୦୦୦ ଟଙ୍କା ପାଇବେ। ପଂଚାୟତ ସମିତି ଉପାଧ୍ୟକ୍ଷମାନେ ପୂର୍ବରୁ ପାରିତୋଷିକ ୨,୩୫୦ ଟଙ୍କା ପାଉଥିଲେ । ଏବେ ୭,୫୦୦ ଟଙ୍କା ପାଇବେ। ପଂଚାୟତ ସମିତି ସଦସ୍ୟମାନେ ପୂର୍ବରୁ ୨,୩୫୦ ଟଙ୍କା ପାଉଥିଲେ । ଏବେ ୭,୫୦୦ ଟଙ୍କା ପାଇବେ। ସେହିଭଳି ସରପଂଚମାନେ ପୂର୍ବରୁ ୨,୩୫୦ ଟଙ୍କା ପାଉଥିବା ବେଳେ ଏବେ ୧୦,୦୦୦ ଟଙ୍କା ପାଇବେ। ନାଏବ ସରପଂଚମାନେ ପୂର୍ବରୁ ୯୪୦ ଟଙ୍କା ପାଉଥିବା ବେଳେ ଏବେ ୪,୦୦୦ ଟଙ୍କା ପାଇବେ। ପଂଚାୟତ ସମିତି ଅଧ୍ୟକ୍ଷ ,ଉପାଧ୍ୟକ୍ଷ ,ପଂଚାୟତ ସମିତି ସଭ୍ୟ , ସରପଂଚ ନାଏବ ସରପଂଚ ଏବଂ ୱାର୍ଡମେମ୍ବରମାନଙ୍କର ଦୈନିକ ଭତ୍ତା ଡିଏ ଯୁକ୍ତ ସିଟିଂ ଫି ୨୪୦ ଟଙ୍କାରୁ ୪୮୦ ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ପଂଚାୟତିରାଜ ପ୍ରତିନିଧିମାନଙ୍କର ପାରିତୋଷିକ ଓ ଭତ୍ତା ବାବଦରେ ୭୯.୮୮ କୋଟି ଟଙ୍କା ଖର୍ଚ୍ଚ ହୋଉଥିଲା। ବର୍ଦ୍ଧିତ ରାଶି ଅନୁଯାୟୀ ଏବେ ୨୪୨.୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ଏଥିପାଇଁ ୧୬୨.୬୮ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିବେ।

ଏହା ବ୍ୟତିତ ପଂଚାୟତିରାଜ ପ୍ରତିନିଧିମାନଙ୍କର ପଦବୀରେ ଥିବା ସମୟରେ ବିୟୋଗ ଘଟିଲେ ଅନୁକମ୍ପାମୂଳକ ସହାୟତା ରାଶି ବାବଦରେ ୨ ଲକ୍ଷ ଟଙ୍କା ମିଳିବ । ଏହା ସହିତ ଦୁର୍ଘଟଣାଜନିତ ପୂର୍ଣ୍ଣ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ ଟଙ୍କା ସହାୟତା ଦିଆଯିବ। ସେହିପରି ଆଂଶିକ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ଦିଆଯିବ।